# ଅଭିଯୋଗ ଶୁଣିଲେ ଜିଲାପାଳ, ୭ରେ ପରବର୍ତ୍ତୀ ଶୁଣାଣି

## ଲାନ୍‌କୋ ଜମିହରା ପ୍ରଜାଙ୍କ ମାମଲା

- ସେବି, ପିଏମଓରେ ଅଭିଯୋଗ କରିଛନ୍ତି ଜମିହରା ପ୍ରଜା
- ଜମିହରା ପ୍ରଜାଙ୍କ ପକ୍ଷ ରଖିଲେ ଉଚ୍ଚ ନ୍ୟାୟାଳୟର ଆଇନଜୀବୀ

ଢେଙ୍କାନାଳ,୨୪।୨(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡ଼ଗପ୍ରସାଦ ଓ କୁରୁଣ୍ଟି ଗ୍ରାମରେ ଶିଳ୍ପ ପ୍ରତିଷ୍ଠା କରିବା ନେଇ 'ଲାନ୍‌କୋ' ନାମକ ଏକ କମ୍ପାନୀ ୨୦୦୮ରେ ରାଜ୍ୟ ସରକାରଙ୍କ ସହିତ ଏମ୍‌ଓୟୁ ସ୍ୱାକ୍ଷର କରିଥିଲା। କିନ୍ତୁ କମ୍ପାନୀ ପକ୍ଷରୁ ଶିଳ୍ପ ପ୍ରତିଷ୍ଠା ନ ହେବା ଓ ଏମ୍‌ଓୟୁ ଉଲ୍ଲଂଘନ କରାଯାଇଥିବା ନେଇ ଜମିହରା ପ୍ରଜା ସଂଘ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲା। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏହାର ଶୁଣାଣି ହୋଇଥିଲା। ଜମିହରା ପ୍ରଜାଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଲଳିତେନ୍ଦୁ ମିଶ୍ର ପକ୍ଷ ରଖିଥିଲେ। ଶୁଣାଣି ପରେ ଜିଲାପାଳ ୭ ତାରିଖକୁ ପରବର୍ତ୍ତୀ ଯୁକ୍ତି ଉପସ୍ଥାପନ କରିବା ପାଇଁ ଦିନ ଧାର୍ଯ୍ୟ କରିଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ଆଇନଜୀବୀ ମିଶ୍ର କହିଛନ୍ତି, ୨୦୦୮ରେ ଖଡ଼ଗପ୍ରସାଦ ଓ କୁରୁଣ୍ଟି ଗ୍ରାମରେ ଶିଳ୍ପ ପ୍ରତିଷ୍ଠା ପାଇଁ ଲାନ୍‌କୋ ଏକ ଏମ୍‌ଓୟୁ ସ୍ୱାକ୍ଷରିତ କରିଥିଲା। ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିଳ୍ପ ପ୍ରତିଷ୍ଠା ହେଲେ ଉକ୍ତ ଅଞ୍ଚଳର ଉନ୍ନତି ହେବା ସହ ଜମିହରା ପ୍ରଜାମାନେ ରୋଜଗାରକ୍ଷମ ହେବେ। କମ୍ପାନୀରେ ନିଯୁକ୍ତି ମିଳିବ। ତେଣୁ ୧୦୦୦ ଏକର ଜମିକୁ ଅଞ୍ଚଳବାସୀ ନିଜର ଭବିଷ୍ୟତ ପାଇଁ ଏକର ପିଛା ୩ରୁ ୬ଲକ୍ଷ ଟଙ୍କାରେ ବିକ୍ରି କରିଦେଇଥିଲେ। ୫ ବର୍ଷ ମଧ୍ୟରେ ଶିଳ୍ପ ପ୍ରତିଷ୍ଠା ନ ହୋଇପାରିଲେ ଜମି ଫେରାଇ ଦିଆଯିବ ବୋଲି ଏମ୍‌ଓୟୁରେ ଦର୍ଶାଯାଇଥିଲା। କିନ୍ତୁ ଶିଳ୍ପ ପ୍ରତିଷ୍ଠା ହୋଇପାରିଲା ନାହିଁ । ଓଲଟା ପ୍ରସ୍ତାବିତ ଶିଳ୍ପ ସଂସ୍ଥା ଉକ୍ତ ଜମିକୁ 'ସାଫ୍ରନ' କମ୍ପାନୀ ନିକଟରେ ବନ୍ଧକ ପକାଇ ବହୁହଜାର କୋଟି ଟଙ୍କା ଋଣ କରିପକାଇଲା। ଏ ସଂକ୍ରାନ୍ତରେ ଟ୍ରିବ୍ୟୁନାଲରେ ଏକ ମାମଲା ହୋଇଥିଲା। ପରେ 'ସାଫ୍ରନ' କମ୍ପାନୀ ଏହି ଜମିକୁ ଅଧିକ ଚଢ଼ା ଦରରେ ଅନ୍ୟ ଏକ କମ୍ପାନୀକୁ ଟେକିଦେଲା। ଏ ନେଇ ଜମିହରା ପ୍ରଜା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ଏହାର ଶୁଣାଣି କରି ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ୨୮.୦୧.୨୦୨୬ରେ ଜିଲାପାଳଙ୍କୁ ଏକ ନିର୍ଦ୍ଦେଶନାମା ଦିଆଯାଇଥିଲା । ଉକ୍ତ ନିର୍ଦ୍ଦେଶନାମାର ନୋଟିସ୍ ପାଇ ଜିଲାପାଳ ମଙ୍ଗଳବାର ଶୁଣାଣି କରିଥିଲେ। ଶୁଣାଣି ସମୟରେ ସାଫ୍ରନ କମ୍ପାନୀର ଓକିଲମାନେ ସମୟ ମାଗିବାରୁ ଜିଲାପାଳ ଆସନ୍ତା ୭ ତାରିଖକୁ ପରବର୍ତ୍ତୀ ଯୁକ୍ତି ଉପସ୍ଥାପନ କରିବା ପାଇଁ ସମୟ ଧାର୍ଯ୍ୟ କରିଛନ୍ତି।

ପ୍ରଶାସନିକ ଅବହେଳା ଯୋଗୁ ଜମିହରା ପ୍ରଜା କ୍ଷତିଗ୍ରସ୍ତ ହୋଇଛନ୍ତି। କିଭଳି ସେମାନେ ଜମି ଫେରିପାଇବେ ସେ ସମ୍ପର୍କରେ ଯୁକ୍ତି ଉପସ୍ଥାପନ କରିଛୁ ବୋଲି ଆଇନଜୀବୀ ମିଶ୍ର କହିଛନ୍ତି। ସେହିପରି ଲାନ୍‌କୋ ଜମିହରା ପ୍ରଜା ସଂଘର ଉପସଭାପତି ନରେନ୍ଦ୍ର ସାହୁ କହିଛନ୍ତି, ଉଚ୍ଚ ନ୍ୟାୟାଳୟ ଅନ୍ୟ ଜମିହରା ପ୍ରଜାଙ୍କ ପକ୍ଷ ଶୁଣାଣି ପାଇଁ ସୁଯୋଗ ଦେବା ନିମନ୍ତେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜମିହରା ପ୍ରଜାଙ୍କୁ ନେଇ ଯେଉଁ ଏମ୍‌ୟୁଓର ଉଲ୍ଲଂଘନ ହୋଇଛି, ଏଥିରେ ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କର ବହୁ କ୍ଷତି ହୋଇଛି। ଏ ନେଇ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ମୁଖ୍ୟ ଶାସନ ସଚିବଙ୍କୁ ଲିଖିତ ଭାବରେ ଜଣାଇଥିଲି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଅଭିଯୋଗ ସମ୍ପର୍କରେ ଶୁଣାଣି ହୋଇଛି କି ନାହିଁ ବୋଲି ଫୋନ ମାଧ୍ୟମରେ ପଚରା ଯାଇଥିଲା ଏବଂ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟରୁ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କୁହାଯାଇଥିବା ସେ କହିଛନ୍ତି। ଶୁଣାଣି ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜମିହରା ପ୍ରଜାଙ୍କ ପକ୍ଷରୁ ନରେନ୍ଦ୍ର ସାହୁ, ବିନୋଦ ସାହୁ, କୈଳାସଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଜମିହରା ପ୍ରଜାଙ୍କ ପକ୍ଷରୁ ପୁରୁଷୋତ୍ତମ ମହାପାତ୍ର ଓ ଅନ୍ୟମାନେ ମାମଲା ଦାଏର କରିଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କ୍ଷତିଗ୍ରସ୍ତ ଜମିହରା ପ୍ରଜାସଂଘ।

# ଶରଣ ଶ୍ରୀକ୍ଷେତ୍ର ଦର୍ଶନକଲେ ଏମ୍‌ପି

ଢେଙ୍କାନାଳ,୨୪।୨(ରତନ ନାୟାର)



ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ମଙ୍ଗଳବାର ଓଡ଼ାପଡ଼ା ବ୍ଲକର ଏକଘରିଆ ଗ୍ରାମ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ସାଧନା ପୀଠ ଶରଣ ଶ୍ରୀକ୍ଷେତ୍ର ଯାଇ ଦର୍ଶନ କରିଥିଲେ । ଶରଣ ଶ୍ରୀକ୍ଷେତ୍ର ବିକାଶ ପରିଷଦ ସଭାପତି ଜୟନ୍ତ କୁମାର ପରିଡା, ସମ୍ପାଦକ ସୁନୀଲ କୁମାର ପରିଡା, ଗ୍ରାମ ସଭାପତି ଭାବଗ୍ରାହୀ ପରିଡା ପ୍ରମୁଖ ଏମ୍‌ପିଙ୍କୁ ସ୍ୱାଗତ କରିଥିଲେ। ଏମ୍‌ପି ନବନିର୍ମିତ ଶ୍ରୀଜଗନ୍ନାଥଙ୍କ ମନ୍ଦିର ବୁଲିବା ସହିତ ଏହାର ପ୍ରତିଷ୍ଠା ଉତ୍ସବ ନିମନ୍ତେ ଆୟୋଜନ ହୋଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ମନ୍ଦିରର ମୁଖ୍ୟ ଚିଣ୍ଟୁ ବାବାଙ୍କ ସହିତ ଆଲୋଚନା କରିଥିଲେ। ଏଥିସହିତ ଗୁଡ଼ିଆକାଟେଣି ଛକ ଉପରେ ଓଭରବ୍ରିଜ୍ ନିର୍ମାଣ ନିମନ୍ତେ ଲୋକ ସଭାରେ କରିଥିବା ଦାବି ସମ୍ପର୍କରେ ସ୍ଥାନୀୟ ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ଏମ୍‌ପିଙ୍କ ସମେତ ଭାଜପା ନେତା ସହଦେବ ପୃଷ୍ଟି, ତପନ କୁମାର ମହାପାତ୍ର, ଶିବଶକ୍ତି ମହାନ୍ତି, ସନ୍ତୋଷ କୁମାର ନାଏକ, ମନୋଜ କୁମାର ମହାରଣା, ପଙ୍କଜ ଲୋଚନ ଦାସଙ୍କ ସମେତ ଅନ୍ୟାନ୍ୟ କର୍ମୀ ଉପସ୍ଥିତ ଥିଲେ।

# ହାତୀ ଆକ୍ରମଣରେ ଜଣେ ମୃତ

ସାତମାଇଲ, ୨୪।୨ (ସୁଶାନ୍ତ ପତି)

ହିନ୍ଦୋଳ ଉପଖଣ୍ଡ ନୂଆଗାଁ ପଞ୍ଚାୟତ ଅନ୍ତର୍ଗତ ରଘୁନାଥପୁର ଗ୍ରାମରେ ହାତୀ ଆକ୍ରମଣରେ ସୋମବାର ରାତିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିତ୍ୟାନନ୍ଦ ପାତ୍ର (୬୫)। ସୋମବାର ସକାଳେ ନିତ୍ୟାନନ୍ଦଙ୍କ ସ୍ତ୍ରୀ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ହାତୀ ଆସିଥିବା ଖବରପାଇ ସ୍ତ୍ରୀଙ୍କୁ ଡାକିବାକୁ ଯାଇ ଉଭୟ ଫେରୁଥିବା ସମୟରେ ଏକ ଦନ୍ତାହାତୀ ସହ ମୁହାଁମୁହିଁ ହୋଇଥିଲେ। ଦନ୍ତାହାତୀଟି ଉଭୟଙ୍କୁ ଆକ୍ରମଣ କରି ନିତ୍ୟାନନ୍ଦଙ୍କୁ ଶୁଣ୍ଢରେ ଟେକି ଫୋପାଡ଼ି ଦେଇଥିଲା। ଗ୍ରାମବାସୀଙ୍କ ନିକଟରୁ ବନ ବିଭାଗ କର୍ମଚାରୀ ଖବର ପାଇ ଗୁରୁତର ଆହତ ନିତ୍ୟାନନ୍ଦ ଓ ତାଙ୍କ ସ୍ତ୍ରୀଙ୍କୁ ଉଦ୍ଧାର କରି ଅନୁଗୋଳ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ନିତ୍ୟାନନ୍ଦଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଆରସିସିଏଫ ସଞ୍ଜୟ ସ୍ୱାଇଁ, ଡିଏଫଓ ସୁମିତ କରଙ୍କ ସହ ଫୋନ ଯୋଗେ ଆଲୋଚନା କରି କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସାହାଯ୍ୟ ଯୋଗାଇଦେବାକୁ ପରାମର୍ଶ ଦେଇଛନ୍ତି। ସ୍ଥାନୀୟ ସରପଞ୍ଚ ହରପ୍ରିୟା ସେନାପତି ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାର ସହାୟତା ରାଶି ଯୋଗାଇ ଦେଇଛନ୍ତି।

# ଅବକାରୀ ଚଢ଼ାଉ, ୫୦୦ ଲିଟର ମଦ ଜବତ

ଭୁବନ, ୨୪।୨ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଅବକାରୀ ଅଧୀକ୍ଷକ ମିହିର ସେଠୀଙ୍କ ନେତୃତ୍ୱରେ ଭୁବନ ଅଞ୍ଚଳର ମହୁଲପାଳ ଓ ଏକତାଳିରେ ମଙ୍ଗଳବାର ଚଢ଼ାଉ କରାଯାଇଥିଲା। ଅବକାରୀ ବିଭାଗ ଅବକାରୀ ବୁଲୁ ପାତ୍ରଙ୍କ ନେତୃତ୍ୱରେ ମୋବାଇଲ ଟିମ ଓ କର୍ମଚାରୀ ଚଢ଼ାଉ କରି ୫୦୦ ଲିଟର ଦେଶୀ ମହୁଲି ମଦ ଜବତ କରିବା ସହିତ ୨୦୦୦ ଲିଟର ପୋଚ ନଷ୍ଟ କରିଥିଲେ। ମଦ ରନ୍ଧା ଯାଉଥିବା ବିଭିନ୍ନ ସରଞ୍ଜାମ ଜବତ ହୋଇଛି। ଭୁବନ ଅବକାରୀ କର୍ମଚାରୀ ସୁଜିତ ନାୟକ, ଶ୍ରଦ୍ଧାଞ୍ଜଳି ସାମଲ, ସୁମିତ୍ରା କେରକେଟାଙ୍କ ସହିତ ମୋବାଇଲ ଟିମ୍‌ର କର୍ମଚାରୀ ସାମିଲ ହୋଇଥିଲେ।

# ସିନର୍ଜି କଲେଜରେ କୋହା ସଫ୍ଟୱେର ସମ୍ପର୍କିତ କର୍ମଶାଳା




ଢେଙ୍କାନାଳ,୨୪।୨(ରତନ ନାୟାର)

ଢେଙ୍କାନାଳ ସିନର୍ଜି ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି କଲେଜ ପରିସରରେ ୨୧ ଓ ୨୨ ତାରିଖ ଦୁଇଦିନ ଧରି କେଶବ ସେଣ୍ଟ୍ରାଲ ଲାଇବ୍ରେରି ପକ୍ଷରୁ କୋହା ଓପନ ସୋର୍ସ ଇଣ୍ଟିଗ୍ରେଟେଡ୍ ଲାଇବ୍ରେରି ମ୍ୟାନେଜମେଣ୍ଟ ସିଷ୍ଟମ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଲାଇବ୍ରେରିଆନ, ଗ୍ରନ୍ଥାଗାର କର୍ମଚାରୀ, ଶିକ୍ଷକ ଓ ଲାଇବ୍ରେରି ଏବଂ ସୂଚନା ବିଜ୍ଞାନର କୋହା ସଫ୍ଟୱେର ସମ୍ପର୍କରେ ବ୍ୟବହାରିକ ଓ ପ୍ରାୟୋଗିକ ଜ୍ଞାନ ପ୍ରଦାନ କରିବା । ଏହି କର୍ମଶାଳାରେ ଓଡ଼ିଶାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ବହୁସଂଖ୍ୟକ ଅଂଶଗ୍ରହଣକାରୀ ଯୋଗଦେଇଥିଲେ । କର୍ମଶାଳାର ଆବାହକ ଡ. ଏସ୍ ଅବିନାଶ ସ୍ୱାଗତ ଭାଷଣ ପ୍ରଦାନ କରି କୋହା ସଫ୍ଟୱେରର ଉପଯୋଗିତା ଉପରେ ବିବରଣୀ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ଗୀତା କଲେଜର ଗ୍ରନ୍ଥାଗାରିକ ଡ. ଦେବବ୍ରତା ଦାଶ ଯୋଗଦେଇଥିଲେ । କର୍ମଶାଳାରେ କୋହା ଇନଷ୍ଟାଲେଶନ, କାଟାଲଗିଙ୍ଗ୍, ସର୍କୁଲେଶନ, ମେମ୍ବରଶିପ୍ ମ୍ୟାନେଜମେଣ୍ଟ, ରିପୋର୍ଟ ତିଆରି ଏବଂ ଡାଟା ମାଇଗ୍ରେଶନ ସମ୍ପର୍କିତ ପ୍ରାକ୍ଟିକାଲ ଶିକ୍ଷା ପ୍ରଦାନ କରାଯାଇଥିଲା । ରିସୋର୍ସ ପରସନ ଭାବେ ଭୁବନେଶ୍ୱରସ୍ଥିତ ସହକାରୀ ଗ୍ରନ୍ଥାଗାରିକ ଅଲେଖ କରାଡିଆ ଆଲୋଚନା ମାଧ୍ୟମରେ ଅଂଶଗ୍ରହଣକାରୀଙ୍କ ପ୍ରଶ୍ନର ଉତ୍ତର ଦେଇ ସମାଧାନ କରିଥିଲେ । କଲେଜର ନିର୍ଦ୍ଦେଶକ ଡ. ପ୍ରଶାନ୍ତ କୁମାର ନାୟକ, ପ୍ରଶାସନିକ ନିର୍ଦ୍ଦେଶିକା ଡ. ଇତିଶ୍ରୀ ମହାନ୍ତି ଓ ପ୍ରଫେସର ପବିତ୍ର କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଆୟୋଜକ ସଚିବ ସୌମ୍ୟରଞ୍ଜନ ସାମନ୍ତ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ସହ ସଂଯୋଜକ କୃଷ୍ଣଚନ୍ଦ୍ର ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

# ଚଳିତ ବଜେଟ ଉନ୍ନତି ଓ ପ୍ରଗତିରେ ସହାୟକ ହେବ




## ଜିଲାସ୍ତରୀୟ କୃଷକ ସମ୍ବାଦ ବଜେଟ

ଅନୁଗୋଳ,୨୪।୨ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ଭାଜପା କାର୍ଯ୍ୟାଳୟରେ ମଙ୍ଗଳବାର ଜିଲା କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝୀଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ କୃଷକ ସମ୍ବାଦ ବଜେଟ -୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ଯୋଗଦେଇ ଚଳିତ ବଜେଟରେ କୃଷକମାନଙ୍କ ନିମନ୍ତେ ବିଭିନ୍ନ ଲାଭକାରୀ ଯୋଜନା ଓ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ପାଢ଼ୀ କହିଲେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ଉନ୍ନତି, ରାଜ୍ୟର ପ୍ରଗତିର ପ୍ରତିବଦ୍ଧତାକୁ ସାକାର କରିବା ପାଇଁ ବିଧାନସଭାରେ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କରିଛନ୍ତି। ସେଥିମଧ୍ୟରୁ କୃଷି ଓ ଆନୁସଙ୍ଗିକ କ୍ଷେତ୍ରର ବିକାଶ ନିମନ୍ତେ ୪୨ ହଜାର ୪୯୨ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି, ଯାହାକି ପୂର୍ବବର୍ଷ ଅପେକ୍ଷା ୧୨.୩% ଅଧିକ ରହିଛି। ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ପୁଲିନ ପ୍ରକାଶ ପୁହାଣ, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ରତିକାନ୍ତ ରାଜବଂଶୀ, ଜିଲା ସଭାପତି ଯଯାତି ପଟ୍ଟନାୟକ ଓ ପୂର୍ବତନ ଜିଲା ସଭାପତି ଦିଲେଶ୍ୱର ପ୍ରଧାନ ପ୍ରମୁଖ ଯୋଗଦେଇ କହିଲେ, ରାଜ୍ୟରେ ଡବଲ ଇଞ୍ଜିନ ସରକାର ସଦା ସର୍ବଦା ଲୋକଙ୍କ ପାଇଁ କାର୍ଯ୍ୟ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ରାଜ୍ୟର ବରିଷ୍ଠ ନେତା, ମନ୍ତ୍ରୀ ଓଡ଼ିଶାକୁ ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରଣୀ କରିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି। ବିଶେଷ ଭାବେ ରାଜ୍ୟର କୃଷି ଓ କୃଷକ ସଶକ୍ତ ହେଲେ ଦେଶର ବିକାଶ ହେବ ବୋଲି ମତବ୍ୟକ୍ତ କରିବା ସହ ଚଳିତ ୨୦୨୬-୨୭ ବାର୍ଷିକ ବଜେଟରେ କୃଷି ଓ କୃଷକମାନଙ୍କୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଜିଲାର ନେତୃମଣ୍ଡଳୀଙ୍କ ସମେତ ଅନେକ କୃଷକ ଯୋଗଦେଇଥିଲେ।

# 'ଘର ହିଁ ବିଦ୍ୟାଳୟ'ର ୩ୟ ପର୍ଯ୍ୟାୟ

ଓଡ଼ାପଡ଼ା, ୨୪।୨ (ରଞ୍ଜିତ ନାୟକ)



ଧଳପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ 'ଘର ହିଁ ବିଦ୍ୟାଳୟ'ର ତୃତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଓଡ଼ାପଡ଼ା ଗୋଷ୍ଠୀ ଚିକିତ୍ସା ଅଧିକାରୀ (ଆୟୁଷ ବିଭାଗ) ଡାକ୍ତର ସୁଧାଂଶୁ ଷଡ଼ଙ୍ଗୀ ପ୍ରଦୀପ ପ୍ରଜ୍ୱଳନ କରି ଶିଶୁର ରୋଗ ଏବଂ ତା'ର ଚିକିତ୍ସା ସମ୍ବନ୍ଧରେ ଅଭିଭାବକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ଆଚାର୍ଯ୍ୟା ଜ୍ୟୋତିର୍ମୟୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୬୦ରୁ ଊର୍ଦ୍ଧ୍ୱ ଅଭିଭାବକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁ ଭଉଣୀଭାଇମାନେ ସ୍ୱଦେଶୀ ଖାଦ୍ୟ ଓ ସ୍ୱଦେଶୀ ବସ୍ତ୍ର ପରିଧାନ ବିଷୟରେ ଗୋଟିଏ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସମସ୍ତ ସଦସ୍ୟ, ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

# ମା' କାଳୁଣୀ ଦେବୀଙ୍କ ବିଗ୍ରହ ସ୍ଥାପନା ପାଇଁ କଳସଯାତ୍ରା

ଭୁବନ, ୨୪।୨ (ବିପିନ ବିହାରୀ ସେଠୀ)



ଢେଙ୍କାନାଳ ଜିଲା ଭୁବନ ଗ୍ରାମର ପୂର୍ବ ଦିଗରେ ଆବିର୍ଭାବ ମା' କାଳୁଣୀ ଦେବୀଙ୍କ ନୂତନ ବିଗ୍ରହ ସ୍ଥାପନା ଓ ମନ୍ଦିର ପ୍ରତିଷ୍ଠା ପାଇଁ ମଙ୍ଗଳବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳବାସୀ ତଥା ଯୁବପିଢିଙ୍କ ଉଦ୍ୟମରେ ନୂତନ ମନ୍ଦିର ନିର୍ମାଣ କରାଯାଇ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବର ଆୟୋଜନ କରାଯାଇଛି। ସକାଳ ୮ .୪୧ରେ ଅଙ୍କୁରା ରୋପଣ, ୧୦.୩୦ରେ ଶୁଭ କଳସ ଶୋଭାଯାତ୍ରା, ପରେ ଗୁରୁପୂଜନ, ଦେବୀଙ୍କ ଉପଚାର ପୂଜା, ଅଞ୍ଜଳୀ ପୂଜନ, ଚଣ୍ଡୀପୂଜା ଓ ସ୍ନାନାଦି ବିଧି କରାଯାଇଥିଲା। ଏହି ଶୋଭାଯାତ୍ରା ସହର ପରିକ୍ରମା ପରେ କରିବା ରାମମନ୍ଦିର ପୁଷ୍କରିଣୀରୁ କଳସରେ ପାଣି ନେଇ ପୁନର୍ବାର ସହର ପରିକ୍ରମା କରାଯଇଥିଲା। ଶତାଧିକ ମହିଳା ସାମିଲ ହୋଇଥିଲେ।

# ଧର୍ମପରାୟଣ ମହିଳାଙ୍କ ପରଲୋକ

ଢେଙ୍କାନାଳ,୨୪।୨(ରତନ ନାୟାର)



ଢେଙ୍କାନାଳ ସହର କାଞ୍ଚନ ବଜାରସ୍ଥିତ ସ୍ୱର୍ଗତ ରତ୍ନାକର ବେହେରାଙ୍କ ଧର୍ମପତ୍ନୀ ଗେହ୍ଲିରାଣୀ ବେହେରାଙ୍କର ରବିବାର ରାତିରେ ପରଲୋକ ଘଟିଛି। ସେ ଜଣେ ଧର୍ମପରାୟଣ ମହିଳା ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୯୦ବର୍ଷ ବୟସ ହୋଇଥିଲା । ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଭରତ ଦାସ, ପଙ୍କଜ କୁମାର ନାୟକ, ଅବସରପ୍ରାପ୍ତ ଶିକ୍ଷକ ଚିତ୍ତରଞ୍ଜନ ପାଣି, ବରିଷ୍ଠ ସାହିତ୍ୟିକ କବିଜ୍ୟୋତି ନିରଞ୍ଜନ ପତି ପ୍ରମୁଖ ଶୋକସଭା ଆୟୋଜନ କରିଥିଲେ। ଖବର ପାଇ ବରିଷ୍ଠ ଓକିଲ ସନାତନ ମହାପାତ୍ର, ଟୁକୁନି ଦାସ, ସୁରେନ୍ଦ୍ର ଦଳେଇ, ମହମ୍ମଦ ମସଜିଦ୍ ଅଲ୍ଲୀ, ନିରଞ୍ଜନ ପଣ୍ଡା, ଅଜୟ ସାମନ୍ତରାୟ, ମହାପ୍ରଭୁ ନାୟକ ପ୍ରମୁଖ ଶୋକ ପ୍ରକାଶ କରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ।

# ବିଦ୍ୟାଳୟ ପ୍ରତିଭା ବିକାଶର ଅନ୍ତୁଡ଼ିଶାଳ

## ମହିଷାପାଟ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଢେଙ୍କାନାଳ,୨୪।୨(ରତନ ନାୟାର)




ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥିମାନେ ଜଣେ ଛାତ୍ରୀଙ୍କୁ ସମ୍ମାନିତ କରୁଛନ୍ତି।

ଢେଙ୍କାନାଳ ସହର ମହିଷାପାଟ ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ ସୋମବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଶୋକ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କାଉନ୍‌ସିଲର ଧରଣୀଧର ନାଏକ ଯୋଗଦେଇ କହିଥିଲେ, ବିଦ୍ୟାଳୟ ହେଉଛି ପ୍ରତିଭା ବିକାଶର ଅନ୍ତୁଡିଶାଳ। ସମସ୍ତ ଛାତ୍ରୀଛାତ୍ର ସୁନାଗରିକ ହୋଇ ଦେଶ ସେବାରେ ବ୍ରତୀ ହେବାକୁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ଉନ୍ନୟନ କମିଟିର ସଭାପତି ପ୍ରଭାକର ନାଏକ ଯୋଗଦେଇ ଛାତ୍ରୀଛାତ୍ରମାନେ ନିଜର ଲକ୍ଷ୍ୟ ସ୍ଥିର କରି ଆଗକୁ ବଢିବାକୁ ଉପଦେଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବରଦାତା ବାଇଧର ନାଏକ ଯୋଗଦେଇ ଛାତ୍ରୀଛାତ୍ରମାନେ ଆମ୍ବେଡକରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ସଭାପତି ବେଣୁଧର ନାଏକ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ମାନିତ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଅଟୋ ଚାଳକଙ୍କୁ ଛୁରାମାଡ଼

ସନ୍ତ୍ରୀଛକ,୨୪।୨ (ସନ୍ତୋଷ ପରିଡ଼ା)

ବକେୟା ଟଙ୍କା ମାଗିବାରୁ ଅଟୋ ମାଲିକ ଉତକ୍ଷିପ୍ତ ହୋଇ ଚାଳକଙ୍କୁ ଛୁରାମାଡ଼ କରିଥିବା ବଅଁରପାଳ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଫୁଲପଡ଼ା କନ୍ଧସାହିର ସନ୍ତୋଷ ନାହାକ ୨ ମାସ ହେଲା ସନ୍ତୋଷ ସାହୁଙ୍କ ଅଟୋ ଚାଳକ ଭାବେ କାମ କରୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ ୨ ମାସର ବକେୟା ଟଙ୍କା ମାଗିବା ପାଇଁ ମାଲିକଙ୍କ ନିକଟକୁ ଯାଇଥିଲେ। ମାତ୍ର ଟଙ୍କା ଦେବା ବଦଳରେ ମାଲିକ ଓ ସହଯୋଗୀ ରକି ବେହେରା ଅଟୋ ଚାଳକଙ୍କୁ ଛୁରାମାଡ଼ କରିଥିଲେ। ଏ ନେଇ ଅଟୋ ଚାଳକ ସନ୍ତୋଷ ଥାନାରେ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଗାଡ଼ି ମାଲିକଙ୍କ ପକ୍ଷରୁ କୌଣସି ଅଭିଯୋଗ ଥାନାରେ ହୋଇ ନ ଥିବା ପୋଲିସ ସୂଚନା ଦେଇଛି।

# ୨୭ରେ ବିକଶିତ ଭାରତ ଯୁବସଂସଦ କାର୍ଯ୍ୟକ୍ରମ

## ଯୁବପିଢ଼ି ଗଣତନ୍ତ୍ରକୁ ବୁଝିବାର ସୁଯୋଗ ପାଇବେ

ଢେଙ୍କାନାଳ,୨୪।୨(ରତନ ନାୟାର)




ଆସନ୍ତା ୨୭ ତାରିଖରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ 'ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ।' ଏ ନେଇ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ଜିଲା ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ରବର୍ଟ ଉଇଲସନ ଭଦ୍ରା ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରିବା ସହିତ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପିଢିମାନେ ଗଣତନ୍ତ୍ରର ମୂଲ୍ୟବୋଧ, ସାମ୍ବିଧାନିକ ଦାୟିତ୍ୱ ଓ ଭବିଷ୍ୟତ ଭାରତ ଗଢିବାରେ ସଚେତନ ହେବା ସହିତ ବୁଝିବାର ସୁଯୋଗ ପାଇବେ ବୋଲି କହିଛନ୍ତି। କଲେଜ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଢେଙ୍କାନାଳ ଜିଲାର ୧୮ରୁ ୨୫ ବର୍ଷର ଯୁବତୀ ଯୁବକମାନେ 'ମାଇଁ ଭାରତ' ପୋର୍ଟାଲ ମାଧ୍ୟମରେ ନାମ ପଞ୍ଜୀକରଣ କରି ଭାଗ ନେଇପାରିବେ। ପଞ୍ଜୀକରଣର ଶେଷ ତାରିଖ ୨୫ ଫେବୃଆରୀ ରହିଛି। ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ଛାତ୍ରୀଛାତ୍ରମାନେ 'ଜରୁରିକାଳୀନ ପରିସ୍ଥିତିର ୫୦ ବର୍ଷ : ଭାରତୀୟ ଗଣତନ୍ତ୍ର ପାଇଁ ଏକ ଶିକ୍ଷା' ବିଷୟରେ ୩ ମିନିଟ୍‌ର ଏକ ଭାଷଣ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରସ୍ତୁତ କରିବେ। ଢେଙ୍କାନାଳ ଜିଲାର ପ୍ରାୟ ୨୦୦ଜଣ ଯୁବ ପ୍ରତିଭା ନିଜ ଚିନ୍ତା, ଦୃଷ୍ଟିକୋଣ ଓ ଗଣତନ୍ତ୍ର ପ୍ରତି ସମର୍ପଣକୁ ପ୍ରକାଶ କରିବାର ସୁଯୋଗ ପାଇବେ। ଏହି ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷ ଡ. ବରାଳଙ୍କ ସମେତ ପ୍ରଶାସନିକ ଅଧିକାରୀ ଡ. ବିଭୁଦତ୍ତ ଦାସ, ସହକାରୀ ପ୍ରଶାସନିକ ଅଧିକାରୀ ଡ. ସସ୍ମିତ କୁମାର ସାହୁ, ଅଧ୍ୟାପିକା ଡ. ମିନୁରାଣୀ ଦଳାଇଙ୍କ ସହ ଜିଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ୮୦ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

ଅନୁଗୋଳ,(ଜ୍ୟୋତିରଞ୍ଜନ ସାହୁ): ଅନୁଗୋଳ ଅବକାରୀ ବିଭାଗର ମୋବାଇଲ ସ୍କ୍ୱାଡ୍ ରେଲୱେ ଷ୍ଟେଶନ ରୋଡ୍ ଅଞ୍ଚଳରେ ଚଢ଼ାଉ କରି ୮୦ ଗ୍ରାମ ବ୍ରାଉନସୁଗାର, ବାଇକ ଓ ନଗଦ ୨୫ ହଜାର ଟଙ୍କା ଜବତ କରିଛି। ଏହି ଘଟଣାରେ ସଦରଥାନା କୁମଣ୍ଡ ଭଣ୍ଡୁବର ଗାଁର ରତେଶ ଗୋଛାୟତ (୨୨)ଙ୍କୁ ଗିରଫ କରାଯାଇଛି।

# 'କର୍ମକ୍ଷେତ୍ରରେ ମହିଳାଙ୍କ ସୁରକ୍ଷା ସାଙ୍ଗଠନିକ ଚରିତ୍ରର ପ୍ରତିଫଳନ'



ବ୍ଲାକ୍ ଡାଇମଣ୍ଡ ଅଡିଟୋରିୟମରେ ଅନୁଷ୍ଠିତ ସମ୍ମିଳନୀରେ ଅତିଥିମାନେ।

ଅନୁଗୋଳ,୨୪।୨ (ମାନସ ବିଶ୍ୱାଳ)

କର୍ମକ୍ଷେତ୍ରରେ ମହିଳାଙ୍କ ସୁରକ୍ଷା କେବଳ ଏକ ଆଇନଗତ ଆବଶ୍ୟକତା ନୁହେଁ ବରଂ ସାଙ୍ଗଠନିକ ଚରିତ୍ରର ପ୍ରତିଫଳନ। ଅନୁଗୋଳ ସହରସ୍ଥିତ ବ୍ଲାକ୍ ଡାଇମଣ୍ଡ ଅଡିଟୋରିୟମ ହଲ୍‌ରେ ମହିଳାମାନଙ୍କ ଲିଙ୍ଗ ଅଧିକାର ଏବଂ କାର୍ଯ୍ୟସ୍ଥଳୀ ସୁରକ୍ଷା ଉପରେ ମଙ୍ଗଳବାର ଅନୁଷ୍ଠିତ ଏକ ଆଞ୍ଚଳିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ତର କେନ୍ଦ୍ରୀୟ ରେଞ୍ଜ ଆଇଜି ସତ୍ୟବ୍ରତ ଭୋଇ ଏହା କହିଛନ୍ତି। ଉତ୍ତର କେନ୍ଦ୍ରୀୟ ରେଞ୍ଜ (ଏନ୍‌ସିଆର୍) ତାଳଚେର ତତ୍ତ୍ୱାବଧାନରେ କ୍ରାଇମବ୍ରାଞ୍ଚର ମହିଳା ଏବଂ ଶିଶୁ ବିରୋଧରେ ଅପରାଧ (ସିଏଡବ୍ଲ୍ୟୁ ଏବଂ ସିଡବ୍ଲ୍ୟୁ) ଶାଖା ଦ୍ୱାରା ଅନୁଷ୍ଠିତ ଏହି ସମ୍ମିଳନୀରେ ପୋଲିସ ବିଭାଗର ବହୁ ବରିଷ୍ଠ ଅଧିକାରୀଙ୍କ ସହିତ ଜିଲା ପ୍ରଶାସନ, ବନ ବିଭାଗ, ଅବକାରୀ ବିଭାଗ, ପିଟିସି ଅନୁଗୋଳ, ଜେଏସ୍‌ପିଏଲ୍, ନାଲ୍‌କୋ, ଏମ୍‌ସିଏଲ୍ ଏବଂ ଏନ୍‌ଟିପିସି ଭଳି ପ୍ରମୁଖ କର୍ପୋରେଟ ପ୍ରତିଷ୍ଠାନର ପ୍ରତିନିଧିମାନେ ସାମିଲ ହୋଇଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ଏସ୍‌ପି ରାହୁଲ ଜୈନ, ଅଭିଯୋଜନ ଉପ ନିର୍ଦ୍ଦେଶକ ଗଣେଶ ବେହେରା, ଓଡ଼ିଶା ରାଜ୍ୟ ମହିଳା କମିଶନ ପୂର୍ବତନ ସଦସ୍ୟା ନମ୍ରତା ଚଢ଼ା, କିଟ୍ ବିଶ୍ୱବିଦ୍ୟାଳୟର ଆଇନ ଅଧ୍ୟାପିକା ଟ୍ୟୁଲିପ ସୁମନ ଯୋଗଦେଇ ଆଇନଗତ ସୁରକ୍ଷାର ବିବର୍ତ୍ତନ, ରକ୍ଷଣାତ୍ମକ ମାମଲା ଆଇନ, ନିରପେକ୍ଷ କର୍ମକ୍ଷେତ୍ର ସୁନିଶ୍ଚିତ କରିବାରେ ସାଙ୍ଗଠନିକ ଦାୟିତ୍ୱ, ମହିଳାଙ୍କ ବିରୋଧରେ ଅପରାଧକୁ ସମ୍ବେଦନଶୀଳତା ଏବଂ ବୃତ୍ତିଗତତା ସହିତ ପରିଚାଳନା କରିବାରେ ପୋଲିସର ଭୂମିକା ଉପରେ ଆଲୋକପାତ କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ, ହତ୍ୟା ଅଭିଯୋଗ

ଅନୁଗୋଳ,୨୪।୨(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଟାଉନ ଥାନା ରାଧାରମଣପଡ଼ା ଅଞ୍ଚଳର ଏକ ପିଜୁଳି ଗଛରୁ ମଙ୍ଗଳବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତ ଯୁବକ ହେଲେ ନୂଆଖେତା ଅଞ୍ଚଳର ହିରନ ନାଏକ(୨୨)। ସୂଚନା ଅନୁସାରେ, ହିରନ ରାଧାରମଣପଡ଼ାରେ ଦୀର୍ଘଦିନ ହେବ ପରିବାର ସହ ଭଡ଼ାରେ ରହି ରଙ୍ଗମିସ୍ତ୍ରି ଭାବେ କାମ କରୁଥିଲେ। ସୋମବାର ରାତିରେ ସେ ପରିବାର ଲୋକଙ୍କ ସହ ଖାଇଥିଲେ। ଏହାପରେ ଅଲଗା ଏକ ଘରେ ଶୋଇଥିଲେ। ସକାଳେ ଘର ସମ୍ମୁଖ ପିଜୁଳି ଗଛରେ ତାଙ୍କ ମୃତଦେହ ଝୁଲୁଥିବା ପରିବାର ଲୋକେ ଦେଖିଥିଲେ। ଗୋଡ଼ ମାଟିରେ ଲାଗିଥିବାରୁ କେହି ତାଙ୍କୁ ହତ୍ୟା କରି ଝୁଲେଇ ଦେଇଥିବା ସନ୍ଦେହ କରି ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ ଜାରିରହିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ଜଣାପଡ଼ିବ ବୋଲି ପୋଲିସ ସୂଚନା ଦେଇଛି।

# ଶିଶୁ ସୁରକ୍ଷା ପାଇଁ ସାମୂହିକ ଶପଥ ପାଠ




ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ବଅଁରପାଳ,୨୪।୨ (ସୁବାସ ସାହୁ)

ରାଜ୍ୟ ମହିଳା କମିଶନ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବଅଁରପାଳ ପଞ୍ଚାୟତ ସମିତି ସଭାଗୃହଠାରେ ବୁଧବାର ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା କମିଶନର ସଦସ୍ୟା ପ୍ରତିଭା ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଘାଟନ ଉତ୍ସବରେ ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ପ୍ରତ୍ୟୁଷ ପଣ୍ଡା, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ସରୋଜ ଦେବତା, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି ଯୋଗଦେଇ ଲିଙ୍ଗଗତ ବୈଷମତା, ଘରୋଇ ହିଂସା, ମହିଳା ସୁରକ୍ଷା ଆଇନ ଓ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ମତାମତ ପ୍ରଦାନ କରିଥିଲେ। ଏଥିରେ ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଛାତ୍ରୀଛାତ୍ର, ପଞ୍ଚାୟତିରାଜ ପ୍ରତିନିଧି, ସଖୀ ୱାନ୍ ଷ୍ଟପ୍ ସେଣ୍ଟର କର୍ମୀ, ଶକ୍ତି ସଦନ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୁପରଭାଇଜର ପ୍ରମୁଖ ୩୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବର୍ଗର ମହିଳା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବାଲ୍ୟବିବାହ ତଥା ଶିଶୁ ସୁରକ୍ଷା ପାଇଁ ସାମୂହିକ ଶପଥ ପାଠ କରାଯାଇଥିଲା। ବାଲ୍ୟ ବିବାହ ନିରାକରଣ ୟୁନିସେଫର ଜିଲା ସଂଯୋଜିକା ସନ୍ଧ୍ୟାରାଣୀ ନାୟକ ମୁଖ୍ୟମନ୍ତ୍ରୀ କନ୍ୟାବିବାହ ଯୋଜନା, କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା, ଡାହାଣୀ ପ୍ରଥା, ପୋକସୋ ଆଇନ, ମମତା ଯୋଜନା, ଜନନୀ ସୁରକ୍ଷା ଯୋଜନା ଆଦି ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ, ସରପଞ୍ଚ, ଶିକ୍ଷକ ଶିକ୍ଷୟିତ୍ରୀ ସହିତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅଶ୍ଳୀଳ ଫଟୋ ଭାଇରାଲ କରି ଯୁବକ ଗିରଫ

ବନ୍ତଳା,୨୪।୨ (ସୁଶିତ ସାହୁ)

ଜଣେ ନବ ବିବାହିତାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିଥିବା ଅଭିଯୋଗରେ ତାଳଚେର ଗୁରୁଜାଙ୍ଗ ମନୋହରପୁର ଗାଁରୁ ଅଭିଯୁକ୍ତ ସଞ୍ଜୟ ବେହେରା(୩୦)ଙ୍କୁ ବନ୍ତଳା ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପୁରୁଣାଗଡ଼ ଅଞ୍ଚଳର ଜଣେ ବ୍ୟକ୍ତି ରବିବାର ତାଙ୍କ ସ୍ତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତ ସଞ୍ଜୟ ଏକ ଫେକ୍ ଇନଷ୍ଟାଗ୍ରାମ ଆଇଡି ଖୋଲି ନବ ବିବାହିତା ସ୍ତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିଥିଲେ। ଏପରି କି ଗାଳିଗୁଲଜ ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଥିଲା। ପୋଲିସ ନଂ. ୭୨/୨୬ରେ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୋଲିସ ପ୍ରକାଶ କରିଛି।

# ଝାରସୁଗୁଡ଼ାକୁ ହରାଇ ବରଗଡ଼ ବିଜୟୀ



ମ୍ୟାଚ ପୂର୍ବରୁ ଖେଳାଳିଙ୍କ ସହ ଅତିଥିମାନେ।

ଆଠମଲ୍ଲିକ,୨୪।୨(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ମିନି ଷ୍ଟାଡିୟମଠାରେ ଆଠମଲ୍ଲିକ ୟୁଥ୍ ତରଫରୁ ଚାଲିଥିବା ମା' ମାହେଶ୍ୱରୀ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ଝାରସୁଗୁଡ଼ା ଓ ବରଗଡ଼ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ଏଥିରେ ବରଗଡ଼ ୩-୦ ଗୋଲରେ ବିଜୟୀ ହୋଇଥିଲା। ମୁଖ୍ୟ ରେଫରି ଭାବେ ଶଶିକାନ୍ତ ଦାଶିଆ ଓ ଲାଇନ୍ସ ମ୍ୟାନ ଭାବେ ସୁଜିତ ରାଜ ହଂସ ଏବଂ ସଲିଲ ବେହେରା ଖେଳ ପରିଚାଳନା କରିଥିଲେ। ଅତିଥି ଭାବେ ଉପଜିଲାପାଳ ଉପେନ୍ଦ୍ର କୁମାର ଲୁହା, ବିଡିଓ ଟିଟସ ମହାନନ୍ଦିଆ, ତହସିଲଦାର ପ୍ରସନ୍ନ ଟେଟେ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ବିବେକାନନ୍ଦ ଭୁକ୍ତା ମଞ୍ଚାସୀନ ଥିଲେ। ଆଠମଲ୍ଲିକ ୟୁଥ୍ ସଭାପତି ହୁସେନ ଖାଁ, ସମ୍ପାଦକ ଅବିନାଶ ଷଡ଼ଙ୍ଗୀ, ସଦସ୍ୟ ଗଦାଧର ସ୍ୱାଇଁ, ପ୍ରାଣନାଥ ପଟ୍ଟନାୟକ, ଅନିଲ ମହାଲିକ, ନିରାକାର ଭୁକ୍ତା, ସଲମାନ ଖାଁ, ରାମ ପ୍ରସାଦ ତ୍ରିପାଠୀ, ଜୀବନ ଜ୍ୟୋତି ମୁଖି, ସିଦ୍ଧାର୍ଥ ମହାକୁଡ଼, ସୁବୋଧ ମହାକୁଡ଼, ଇସ୍ରାଇଲ ଖାଁ ପ୍ରମୁଖ ସହଯୋଗ କରିଥିଲେ।

## ସାତକୋଶିଆ ପୁନଃବସତି ପାଇଁ ହୋଇନାହିଁ ରାସ୍ତା

ଅନୁଗୋଳ,୨୪।୨(ଦିବ୍ୟଶାନ୍ତନୁ ନାଥ)

**ବିଧାନସଭାରେ ପ୍ରଶ୍ନ ଉଠାଇଲେ ବିଧାୟକ**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟର କୋର୍ ଜଙ୍ଗଲ ମଧ୍ୟରେ ବସବାସ କରୁଥିବା ଅଶନବାହାଳ ଓ ଟୁଲୁକା ଗ୍ରାମକୁ ସରକାର ବିସ୍ଥାପନ କରିଛନ୍ତି। ବ୍ୟାଘ୍ର ପ୍ରକଳ୍ପ ନେଇ ଜନବସତି ଅନେକ ସମୟରେ ବାଧା ଉପୁଜାଉଥିବା କାରଣରୁ ଉକ୍ତ ୨ ଗ୍ରାମକୁ ବିସ୍ଥାପନ କରାଯାଇଥିଲା। ଏଥିସହ ମୋଟ ୧୦୯ ଗୋଟି ପରିବାରକୁ ନେଇ ଟାଇଁସି ଗାଁମୁଣ୍ଡ ଧଉରାଗୋଠରେ ପୁନଃବସତି ସ୍ଥାପନ କରାଯାଇଛି। ହେଲେ ଏଯାବତ ଏହି ସ୍ଥାନକୁ ପକ୍କା ସଡ଼କ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନ ଥିବା କାରଣରୁ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଏ ନେଇ ବିଧାନସଭାରେ ପ୍ରଶ୍ନ ଉଠାଉଛନ୍ତି। କେବେ ସୁଦ୍ଧା ସରକାର ଏହି ସ୍ଥାନକୁ ରାସ୍ତା କରିବେ ବୋଲି ବିଧାୟକ ପ୍ରଶ୍ନ କରିଛନ୍ତି। ଏହାର ଉତ୍ତର ରଖିବାକୁ ଯାଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କହିଛନ୍ତି, ୧୦୯ ଗୋଟି ପରିବାର ସରକାରଙ୍କ ସ୍ୱେଚ୍ଛାକୃତ ବିସ୍ଥାପନ ପ୍ରକ୍ରିୟାରେ ବିସ୍ଥାପିତ ହୋଇ ଧଉରାଗୋଠ ଠାରେ ପୁନଃବସତି କରିଛନ୍ତି। ଉକ୍ତ ସ୍ଥାନକୁ ଯାତାୟାତ କରିବା ପାଇଁ ପୁନର୍ବାସ ସମୟରେ ଟ. ୭୧.୮୬ ଲକ୍ଷ ବିନିମୟରେ ଗ୍ରାମ୍ୟ ନିର୍ମାଣ ବିଭାଗ ଦ୍ୱାରା ୨୦୨୨-୨୩ ମସିହାରେ ୨ କି.ମି. ରାସ୍ତା, କଲଭର୍ଟ ଓ ବ୍ରିଜ ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ଉକ୍ତ ସ୍ଥାନକୁ ୨.୪ କି.ମି. ପକ୍କା ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ନିର୍ମାଣ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ଆକଳନକୁ ଅନୁଗୋଳ ଜିଲାପାଳ ମଞ୍ଜୁର କରିଛନ୍ତି। ଏମ୍‌ସିଏଲ୍‌କୁ ଆବଶ୍ୟକ ଅର୍ଥରାଶି ପ୍ରଦାନ ନିମନ୍ତେ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରୁ ପତ୍ର ପ୍ରେରଣ କରାଯାଇଛି। ଆବଶ୍ୟକ ଅର୍ଥରାଶି ପ୍ରାପ୍ତ ହେବା ପରେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ମନ୍ତ୍ରୀ ବିଧାନସଭାରେ ଉତ୍ତର ରଖିଛନ୍ତି।

## ଦମ୍ପତିଙ୍କୁ ଆକ୍ରମଣ, ୨ ଗିରଫ

ବନ୍ତଳା,୨୪।୨ (ସୁଶିତ ସାହୁ)

ଅନୁଗୋଳ ବ୍ଲକ ପୁରୁଣାଗଡ ବଡ଼ଦାଣ୍ଡସାହିରେ ଦମ୍ପତିଙ୍କୁ ଖଟପୁଆରେ ପିଟି ଗୁରୁତର କରିଥିବା ବନ୍ତଳା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ବଡ଼ଦାଣ୍ଡ ସାହିର ଦୀପ୍ତିମୟୀ ମହାନ୍ତି ସୋମବାର ଅଭିଯୋଗ କରିଥିଲେ ଯେ ବଡ଼ଦାଣ୍ଡ ସାହିର ଦୁଃଖୀ ମହାନ୍ତି ୨ଦିନ ଧରି ଗାଳିଗୁଲଜ କରୁଥିଲେ। ପ୍ରତିବାଦ କରିବାରୁ, ଦୁଃଖୀ ଓ ତାଙ୍କ ପୁଅ ପାଣ୍ଡୁ ମହାନ୍ତି ଏକ ଖଟ ପୁଆରେ ଦୀପ୍ତିମୟୀ ଓ ତାଙ୍କ ସ୍ୱାମୀଙ୍କୁ ମାଡ଼ ମାରିଥିଲେ। ଅଭିଯୋଗପାଇ ପୋଲିସ ଏକ ମାମଲା ରୁଜୁ କରିବା ସହ ମଙ୍ଗଳବାର ଅଭିଯୁକ୍ତ ଦୁଃଖୀ ଓ ପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଘରୁ ନାଗ ସାପ ଉଦ୍ଧାର

ବଇଣ୍ଡା, ୨୪।୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଲୁହାମୁଣ୍ଡା ଗ୍ରାମର ବିବେକାନନ୍ଦ ବିଶ୍ୱାଳଙ୍କ ଘରୁ ମଙ୍ଗଳବାର ଏକ ନାଗ ସାପ ଉଦ୍ଧାର କରାଯାଇଛି। ଘରେ ସାପ ପଶିଥିବା ସମ୍ପର୍କରେ ବିବେକାନନ୍ଦ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ। ଖବରପାଇ ସିଦ୍ଧେଶ୍ୱର ପହଞ୍ଚି ସୁରକ୍ଷିତ ଅବସ୍ଥାରେ ସାପଟିକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଥିଲେ।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ପବିତ୍ରନଗର,୨୪।୨(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବଡ଼ହୀରା ଠାରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଲିଙ୍ଗରାଜ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପାଳିତ ଏହି ଦିବସରେ ଓଡ଼ିଆ ଭାଷାରେ ଭଲ ସାହିତ୍ୟ ସୃଷ୍ଟି ସହ ଏହାର ବହୁଳ ବ୍ୟବହାର, ସୁରକ୍ଷା ଓ ପ୍ରଚାର ପ୍ରସାର ନିମନ୍ତେ ଉକ୍ତ ଦିବସରେ ସଂକଳ୍ପବଦ୍ଧ ହେବା ପାଇଁ ଏକ ଶପଥ ପାଠ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷକ ମୁନା ନାଏକ ଓ ପ୍ରଦୀପ କୁମାର ବେହେରା, ସହକାରୀ ଶିକ୍ଷୟିତ୍ରୀ ପ୍ରଭାତୀ ବେହେରା ଓ ସୁପ୍ରିୟା ପ୍ରଧାନ, ଅଙ୍ଗନୱାଡ଼ି କର୍ମୀ ନନ୍ଦିନୀ ସାହୁ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ ସହଯୋଗ କରିଥିଲେ।



# ନୂତନ ଶ୍ରେଣୀଗୃହ ପାଇଁ ସମୀକ୍ଷା ବୈଠକ



ସମୀକ୍ଷା ବୈଠକରେ ଅନୁଗୋଳ କଲେଜ ଅଧ୍ୟକ୍ଷଙ୍କ ସହ ଅନ୍ୟମାନେ।

ଅନୁଗୋଳ,୨୪।୨(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଡ. ବସନ୍ତ କୁମାର ସାହୁଙ୍କ କାର୍ଯ୍ୟାଳୟରେ ସୋମବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୧୦୦ଟି ନୂତନ ଶ୍ରେଣୀଗୃହ, ମିଟିଂ ହଲ୍, ଲାଇବ୍ରେରି, କମନରୁମ୍ ଆଦି ପାଇଁ ଏହି ବୈଠକ ବସିଥିଲା। ଡିଏମ୍‌ଏଫ୍ ପକ୍ଷରୁ ଏନ୍‌ପିସିସି ଯନ୍ତ୍ରୀ, କଲେଜର ପୂର୍ବତନ ଛାତ୍ର ପ୍ରତିନିଧିମାନେ ବୈଠକରେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଉଭୟ ୟୁଜି ଓ ପିଜି ପିଲାଙ୍କ ଶିକ୍ଷାଦାନ ପାଇଁ କୋଠରିର ଅଭାବ ଥିବାରୁ ଏହି ନୂଆ କୋଠରି ନିର୍ମାଣ ହେଲେ ଶିକ୍ଷାଦାନ ସହଜ ହୋଇପାରିବ। କଲେଜ ଅଧ୍ୟକ୍ଷ ଡ. ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମୀକ୍ଷା ବୈଠକ ସଫଳ ହୋଇଥିବା ସୂଚନା ମିଳିଛି।

## ପୂର୍ବତନ ବ୍ଲକ ଶିକ୍ଷାଧିକାରୀଙ୍କ ପରଲୋକ

ଛେଣ୍ଡିପଦା,୨୪।୨ (ଅଜିତ ଧଳ)



କମଳିନୀ ପ୍ରଧାନ।

ଛେଣ୍ଡିପଦା ବ୍ଲକର ପୂର୍ବତନ ଶିକ୍ଷାଅଧିକାରୀ କମଳିନୀ ପ୍ରଧାନଙ୍କ ମଙ୍ଗଳବାର ଭୋରରୁ ମୁମ୍ବାଇସ୍ଥିତ ଟାଟାନଗର ମେମୋରିଆଲ ହସ୍ପିଟାଲରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୧ ବର୍ଷ ହୋଇଥିଲା। ସେ ହେଉଛନ୍ତି କୋଶଳା ଗ୍ରାମର ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ଉତ୍କଳ ସମ୍ମିଳନୀ ଅନୁଗୋଳ ଶାଖା ସଭାପତି ବିଶ୍ୱରଞ୍ଜନ ପ୍ରଧାନଙ୍କ ସ୍ତ୍ରୀ। ସେ ୨୦୨୫ ଜୁଲାଇରେ ଛେଣ୍ଡିପଦା ବ୍ଲକର ଶିକ୍ଷା ଅଧିକାରୀ ପଦବୀରୁ ଅବସର ଗ୍ରହଣ କରିଥିଲେ। ଅଗଷ୍ଟ ଶେଷ ସପ୍ତାହରୁ ଦେହ ଅସୁସ୍ଥ ହେବାରୁ ସେ ମୁମ୍ବାଇରେ ଚିକିତ୍ସିତ ହେଉଥିଲେ। ତାଙ୍କ ମରଶରୀର ଅନୁଗୋଳ ବାସଭବନରେ ପହଞ୍ଚିବା ପରେ ଜିଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ମରଶରୀର ବୁଧବାର କୋଶଳା ଗ୍ରାମସ୍ଥିତ ବାସଭବନରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସେ ଜଣେ ଆଦର୍ଶ ଶିକ୍ଷୟିତ୍ରୀ, ଛାତ୍ର ବତ୍ସଳ ଓ ଆମାୟିକ ମହିଳା ଭାବରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ କୋଶଳା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବରପାଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ପ୍ରମୁଖ ଶୋକବାର୍ତ୍ତା ପଠାଇ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ବାବା ଧବଳେଶ୍ୱର ପ୍ରାଙ୍ଗଣରେ ହିନ୍ଦୁ ସମ୍ମିଳନୀ



ଛେଣ୍ଡିପଦା,୨୪।୨(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡ଼ା ବାବା ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସୋମବାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ୧୦୦ ବର୍ଷ ପୂର୍ତ୍ତି ଅବସରରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ଖଣ୍ଡ ଜରପଡା ମଣ୍ଡଳର ଜରପଡ଼ା, ଦୁର୍ଗାପୁର, କତଡ଼ା, ଡୁକୁଡ଼ା, ଜେରେଙ୍ଗ ଦେହୁରୀ ସାହି, ଓଗୀ, ପରା ପଞ୍ଚାୟତର ସମସ୍ତ ହିନ୍ଦୁ ସମାଜ ପକ୍ଷରୁ ଏହାର ଆୟୋଜନ କରାଯାଇଥିଲା। ଏହି ଅବସରରେ କୁନି ପିଲାଙ୍କ ଦ୍ୱାରା ହନୁମାନ ଚାଳିଶା ପାଠ, ପଞ୍ଚ ମହାଯଜ୍ଞ, ଘୃତ ମହାଯଜ୍ଞ, ଜ୍ଞାନ ଯଜ୍ଞ, ଅନ୍ନ ଯଜ୍ଞ, ନାମ ଯଜ୍ଞ, ସେବାଯଜ୍ଞ ସହିତ ଚାରାରୋପଣ, ଗୋ ପୂଜନ, ଭଜନ କୀର୍ତ୍ତନ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଜରପଡ଼ା ମଣ୍ଡଳ ହିନ୍ଦୁ ସମ୍ମିଳନୀ ସଂଯୋଜକ ମନୋଜ କୁମାର ସାହୁ, ମୁଖ୍ୟବକ୍ତା ଶଶୀକାନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ଆରଏସ୍‌ଏସ୍ ଛେଣ୍ଡିପଦା ଜରପଡ଼ା ମଣ୍ଡଳର ଖଣ୍ଡ କାର୍ଯ୍ୟବାହ ଜିତେନ୍ଦ୍ର ସାହୁ, ଖଣ୍ଡସେବା ପ୍ରମୁଖ କୀର୍ତ୍ତନ ସେନାପତି, ବିଭାଗ ସେବା ପ୍ରମୁଖ ନାରାୟଣ ନାୟକ, ସହ ଜିଲା ମୁଖ୍ୟମାର୍ଗ ପ୍ରମୁଖ ଭୋଳେଶ୍ୱର ଗୋଛାୟତ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଲିଙ୍ଗରାଜ ମହାପାତ୍ର, ବାବା ବିନୋଦ ବିହାରୀ ଦାସ ମହାରାଜ, ବାବା ଶ୍ୟାମସୁନ୍ଦର ଦାସ, ବାବା ପ୍ରେମାନନ୍ଦ ଦାସ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶବିଦ୍ୟାଳୟର ବିନୋଦିନୀ, ବାବା ସତ୍ୟାନନ୍ଦ ଷଣ୍ଢ, ପୂଜକ ସତ୍ୟନାରାୟଣ ଶତପଥୀ, ବିଷ୍ଣୁଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜରପଡା ଗ୍ରାମ ସଭାପତି ବିନୋଦ ପ୍ରଧାନ, ସମ୍ପାଦକ ଗଣେଶ୍ୱର ସାହୁଙ୍କ ସମେତ ଜରପଡ଼ା ଗ୍ରାମବାସୀ ଓ ୭ଟି ପଞ୍ଚାୟତବାସୀ ସହଯୋଗ କରିଥିଲେ।

# ମା'ଙ୍କ ଦୟାରୁ ହେଉଛି ରୋଗର ଉପଚାର

**ଟୁଲସୀପାଳର ବଡ଼ିଦୁର୍ଗା ମନ୍ଦିର**

ଅନୁଗୋଳ,୨୪।୨ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଟୁଲସୀପାଳ ପଞ୍ଚାୟତ ଲଙ୍ଗୁଳିଆବେଡ଼ା ଗ୍ରାମର ତାସିରୀ ମଠଠାରେ ରହିଛି ମା' ବଡ଼ିଦୁର୍ଗାଙ୍କ ମନ୍ଦିର। ଏହି ମନ୍ଦିର ସ୍ଥାନୀୟ ଅଞ୍ଚଳର ଏକ ପ୍ରସିଦ୍ଧ ଭକ୍ତି ପୀଠ ଭାବେ ପରିଚିତ। ମା'ଙ୍କ ମହିମା ଯୋଗୁ ଏଠାରେ ବିଭିନ୍ନ ରୋଗର ଉପଚାର ହୋଇପାରୁଥିବା ଭକ୍ତମାନଙ୍କ ମନରେ ବିଶ୍ୱାସ ରହିଛି। ଏପରିକି ନିସନ୍ତାନ ଦମ୍ପତି ମା'ଙ୍କ ଆଶୀର୍ବାଦରେ ସନ୍ତାନ ଲାଭ କରିପାରୁଥିବା ଶ୍ରଦ୍ଧାଳୁମାନେ କହିଛନ୍ତି। ସେଥିପାଇଁ ପ୍ରତିଦିନ ଦୂର ଦୂରାନ୍ତର ଭକ୍ତମାନେ ମା'ଙ୍କ ଦର୍ଶନ ପାଇଁ ଆସୁଛନ୍ତି। ମା' ବଡ଼ିଦୁର୍ଗାଙ୍କୁ ସ୍ଥାନୀୟ ଲୋକେ ପ୍ରତ୍ୟକ୍ଷ ଦେବୀ ଭାବେ ପୂଜା କରୁଛନ୍ତି।

ପ୍ରତିବର୍ଷ ୨ ଥର ମା' ବଡ଼ିଦୁର୍ଗାଙ୍କ ପୀଠରେ ମହାରାତ୍ରି ପୂଜା ହୋଇଥାଏ। ବାସନ୍ତୀ ପୂଜା ଓ ଦୁର୍ଗାପୂଜା ସମୟରେ ଏଠାରେ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳେ। ମା' ବଡ଼ିଦୁର୍ଗାଙ୍କ ମୂଳ ପୀଠ ବିହାର ରାଜ୍ୟର ମୁଙ୍ଗେର ଜିଲାରେ। ବାୟା ବାବା ଓ ପାଗଳ ବାବାଙ୍କ ନିର୍ଦ୍ଦେଶରେ ମା' ବଡ଼ିଦୁର୍ଗା ଏଠାରେ ପହଞ୍ଚିଛନ୍ତି ବୋଲି ମୁଖ୍ୟ ପୂଜକ ସନ୍ତୋଷ କୁମାର ଚୌଧୁରୀ କହିଛନ୍ତି। ମା'ଙ୍କ ମୁଖ୍ୟ ପୂଜକଙ୍କ ଦେହରେ ମା' ଆବିର୍ଭାବ ହୁଅନ୍ତି। ମା'ଙ୍କ ନିର୍ଦ୍ଦେଶରେ ଏଠାରେ ଦୈବୀ ଚିକିତ୍ସା ଦ୍ୱାରା ରୋଗୀମାନଙ୍କୁ ଭଲ କରାଯାଇପାରୁଥିବା ବିଶ୍ୱାସ ରହିଛି। ଟୁଲସୀପାଳ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ତ୍ରିଲୋଚନ ସାହୁ କହିଛନ୍ତି, ପୂର୍ବରୁ ମା' ଅନୁଗୋଳରେ ଥିଲେ। ୨୦୨୨ ମସିହା ଫେବୃଆରୀ ୨ ଶୁକ୍ଳପକ୍ଷ ତୃତୀୟା ତିଥିରେ ମା' ଲଙ୍ଗୁଳିଆବେଡ଼ା ଗାଁର ତାସିରୀ ମଠକୁ ଆସିଥିଲେ। ସେବେଠାରୁ ମା'ଙ୍କ ପୂଜା ଏଠାରେ ହେଉଛି। ରୋଗ ଭଲ ହେବା ଠାରୁ ଆରମ୍ଭ କରି ବିଭିନ୍ନ ମାନସିକ ପୂରଣ ମା'ଙ୍କ କୃପାରୁ ହୋଇପାରୁଛି। ପୂଜକ ମନୋଜ କୁମାର ନନ୍ଦ କହିଛନ୍ତି, ମା' ବଡ଼ିଦୁର୍ଗା ଗାଁକୁ ସୁଖ, ଶାନ୍ତି ଓ ନିରାପଦ ଜୀବନ ଦେଇଥାନ୍ତି। ଏହି ମନ୍ଦିର କେବଳ ଧାର୍ମିକ କେନ୍ଦ୍ର ନୁହେଁ, ବରଂ ଗ୍ରାମର ଏକତା ଓ ସାମାଜିକ ସଂସ୍କୃତିର ପ୍ରତୀକ ଭାବେ ପରିଚିତ। ଶ୍ରଦ୍ଧାଳୁ ପ୍ରତାପ ପଟ୍ଟନାୟକ କହିଛନ୍ତି, ସଡ଼କ ଦୁର୍ଘଟଣା ପରେ ବାତ ଭଳି ରୋଗ ଆରମ୍ଭ ହୋଇଥିଲା। ବିଭିନ୍ନ ଡାକ୍ତରୀ ଚିକିତ୍ସା ପରେ ମଧ୍ୟ ଭଲ ହେଲା ନାହିଁ। ଶେଷରେ ମା'ଙ୍କ ପାଖରେ ପହଞ୍ଚି ଦୁଃଖ ଜଣାଇବା ପରେ ସୁସ୍ଥ ଅନୁଭବ କରୁଛି। ଶ୍ରଦ୍ଧାଳୁ ସ୍ୱେତା ସାହୁ କହିଛନ୍ତି, ୪ ବର୍ଷର ପୁଅ ଚାଲିପାରୁ ନ ଥିଲା। କଥା କହିପାରୁ ନ ଥିଲା। ମା'ଙ୍କ ମହିମା ଶୁଣିବା ପରେ ପୁଅକୁ ନେଇ ଆସୁଛି। ଏବେ ପୁଅ ଦେହ ଠିକ୍ ହୋଇଆସୁଛି। ତେବେ ମା'ଙ୍କ ପୀଠକୁ ଯିବାକୁ ମୁଖ୍ୟ ରାସ୍ତାରୁ ଭଲ ସଡ଼କଟିଏ ନାହିଁ। ଖରାଦିନେ ପାନୀୟ ଜଳର ବ୍ୟବସ୍ଥା ହୋଇନାହିଁ। ସନ୍ଧ୍ୟା ହେଲେ ହାତୀ ଭୟ ଥିବାରୁ ସ୍ଥାନୀୟ ରାଜନେତାଙ୍କ ଅନୁରୋଧ କ୍ରମେ ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ ଲାଇଟ୍ ବ୍ୟବସ୍ଥା କରିଛନ୍ତି। ବିଭିନ୍ନ ଅସୁବିଧାର ସମାଧାନ ପାଇଁ ଭକ୍ତମାନେ ଦାବି କରିଛନ୍ତି।



ମା' ବଡ଼ିଦୁର୍ଗା, ମୁଖ୍ୟ ପୂଜକଙ୍କ ଦେହରେ ମା' ଆବିର୍ଭାବ ହୋଇଛନ୍ତି।

